# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2615 CUTTACK, MONDAY, NOVEMBER 13, 2023/KARTIKA 22, 1945**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା- ଧାରା ୧୧(୧)

**No. 32632--RDM-LAA-BDK-0004-2023-R&DM, Dated 12-09-2023**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଭଦ୍ରକ ଜିଲ୍ଲାରେ ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା ମୌଜା- **କଇଥଖୋଲା**, ଥାନା- ବାଂଶଡା ନଂ. ୧୪୩, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୬୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ , ଭୁବନେଶ୍ବର।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଶିଳ୍ପ ଭିତ୍ତିଭୂମିର ବିକାଶ ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୨୯୦୧/୩୦.୦୬.୨୦୨୩ ପ୍ରକାରେ ଜମି ଅଧିଗ୍ରହଣ ନିମନ୍ତେ ଧାରା ୮(୨) ରେ ଅନୁମୋଦନ ହୋଇଅଛି।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଭଦ୍ରକ ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଭଦ୍ରକ | ଚାନ୍ଦବାଲି | **କଇଥଖୋଲା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪.୦୦ | ଏ. ୦.୬୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

# ଭୂମି ଅନୁସୂଚି (ବେସରକାରୀ)

## ପ୍ରକଳ୍ପର ନାମ- ଶିଳ୍ପ ପାର୍କ ପ୍ରତିଷ୍ଠା ନିମିତ୍ତେ

ମୌଜା : କଇଥଖୋଲା                                        ତହସିଲ : ଚାନ୍ଦବାଲି

ଥାନା : ବାଁଶଡା, ନମ୍ବର : ୧୪୩                                ଜିଲ୍ଲା : ଭଦ୍ରକ

| କ୍ରମିକ ନମ୍ବର | ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | କିସମ | ମୂଳ ରକବା (ଏକର ରେ) | ଅଧିଗ୍ରହଣ ରକବା (ଏକର ରେ) | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨୦ | ୧୧ | ଶରଦ ଦୁଇ | ୦.୨୫ | ୦.୦୨ | ଅପୂର୍ବ କୁମାରୀ ମାଇତି ସ୍ୱା:ଖଗେନ୍ଦ୍ର ନାଥ ମାଇତି ଜା: କରଣ ବା: ଚଉଧୁରୀ ବାଡ ଜିଲ୍ଲା - ମେଦିନି ପୁର |
| ୨ | ୯୨ | ୫୭ | ଶରଦ ଦୁଇ | ୦.୫୨ | ୦.୦୨ | ପାଗଳ ବେହେରା ପି:ରାଧୁ ବେହେରା ଜା: ନିଆରି ବା: ନିଜଗାଁ |
| ୩ | ୯୨ | ୫୬ | ଶରଦ ଦୁଇ | ୦.୩ | ୦.୩ | |
| ୪ | ୯୨ | ୧୪ | ଶରଦ ଦୁଇ | ୧.୯ | ୦.୦୫ | |
| ୫ | ୧୯୩/୧୨୦ | ୫୭/୭୦୭ | ଘରବରୀ | ୦.୫୬ | ୦.୧୧ | ବାସନ୍ତୀ ଲତା ନାୟକ ସ୍ୱା:ଅଶୋକ କୁମାର ନାୟକ ଜା: ଖଣ୍ଡାୟତ ବା: ନିଜଗାଁ |
| ୬ | ୧୯୩/୪୯୮ | ୫୭/୯୯୦ | ଘରବରୀ | ୦.୫୨ | ୦.୧୨ | ପ୍ରଦୀପ କୁମାର ପଣ୍ଡା ପି:ଜନ୍ମେଜୟ ପଣ୍ଡା ଜା: ବ୍ରାହ୍ମଣ ବା: ସା/ପୋ-ଗୁଆମାଳ,ଥାନା-ତିହିଡି,ଜିଲ୍ଲା-ଭଦ୍ରକ |
| | | | **ମୋଟ** | **୪.୦୦୦** | **୦.୬୨** | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଶ୍ରୀକାନ୍ତ ତରାଇ
ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1900—173+30